# India-Australia Virtual Summit

March 17, 2022

## ଭାରତ-ଅଷ୍ଟ୍ରେଲିଆ ଭର୍ଚୁଆଲ୍ ସମ୍ମିଳନୀ

**ମାର୍ଚ୍ଚ 17, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ସ୍କଟ ମୋରିସନ 21 ମାର୍ଚ୍ଚ 2022 ରେ ଦ୍ଵିତୀୟ ଭାରତ-ଅଷ୍ଟ୍ରେଲିଆ ଭର୍ଚୁଆଲ୍ ସମ୍ମିଳନୀରେ ଭାଗନେବେ। ଏହା ପୂର୍ବରୁ 4 ଜୁନ 2020 ରେ ପ୍ରଥମ ଐତିହାସିକ ଭର୍ଚୁଆଲ୍ ସମ୍ମିଳନୀ ଆୟୋଜିତ ହୋଇଥିଲା ଯେଉଁଠାରେ ଦ୍ଵିପାକ୍ଷିକ ସମ୍ପର୍କ ଏକ ବିସ୍ତୃତ ରଣନୀତିକ ଭାଗିଦାରୀକୁ ଉନ୍ନୀତ ହୋଇଥିଲା।

ଆଗାମୀ ଭର୍ଚୁଆଲ୍ ସମ୍ମିଳନୀରେ ଦୁଇ ନେତା ବିସ୍ତୃତ ରଣନୀତିକ ଭାଗିଦାରୀ ଅନ୍ତର୍ଗତ ବିଭିନ୍ନ ପଦକ୍ଷେପର ଅଗ୍ରଗତି ଉପରେ ଚର୍ଚ୍ଚା କରିବେ। ଏହି ସମ୍ମିଳନୀ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ନୂତନ ପଦକ୍ଷେପ ଓ ସହଯୋଗ ବୃଦ୍ଧି ପାଇଁ ମାର୍ଗ ପ୍ରଶସ୍ତ କରିବ। ଉଭୟ ନେତା ଅନ୍ୟ ପ୍ରସଙ୍ଗ ମଧ୍ୟରେ ବାଣିଜ୍ୟ, ଜରୁରୀ ଖଣିଜ ପଦାର୍ଥ, ପ୍ରବାସନ ଓ ଗତିଶୀଳତା ଏବଂ ଶିକ୍ଷା କ୍ଷେତ୍ରରେ ଘନିଷ୍ଠ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବେ ବୋଲି ଆଶା କରାଯାଉଛି।

ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ଦୁଇ ନେତା ଆଲୋଚନା କରିବେ। ଉଭୟ ଦେଶ ଦ୍ଵିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗରେ ସେମାନଙ୍କର ଘନିଷ୍ଠ ସହଯୋଗକୁ ଏହି ସମ୍ମିଳନୀ ଦର୍ଶାଏ।

କୋଭିଡ-19 ମହାମାରୀ ସତ୍ତ୍ୱେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ସାଇବର, ଜରୁରୀ ଓ ରଣନୀତିକ ସାମଗ୍ରୀ, ଜଳ ସମ୍ପଦ ପରିଚାଳନା ତଥା ଲୋକ ପ୍ରଶାସନ ଏବଂ ଶାସନ ସମେତ ବ୍ୟାପକ କ୍ଷେତ୍ରରେ ଉଭୟ ଦେଶ ଘନିଷ୍ଠ ଭାବରେ ସହଯୋଗ ଜାରି ରଖିବା ଦ୍ଵାରା ଭାରତ-ଅଷ୍ଟ୍ରେଲିଆ ବିସ୍ତୃତ ରଣନୀତିକ ଭାଗିଦାରୀ ଊର୍ଦ୍ଧ୍ୱମୁଖୀ ପଥରେ ଗତି ବଜାୟ ରଖିଛି।

କୋଭିଡ-19 ମହାମାରୀ ପରେ ସେପ୍ଟେମ୍ବର 2021 ରେ ୱାଶିଂଟନ୍ ଡିସିରେ କ୍ୱାଡ ନେତୃବର୍ଗଙ୍କ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ମୋରିସନ ସାକ୍ଷାତ କରିଥିଲେ ଏବଂ ନଭେମ୍ବର 2021 ରେ ଗ୍ଲାସଗୋରେ ସିଓପି26 ଅବସରରେ ମିଳିତ ଭାବରେ ରିସିଲିଏଣ୍ଟ ଦ୍ୱୀପପୁଞ୍ଜ ରାଷ୍ଟ୍ରମାନଙ୍କ ପାଇଁ ଭିତ୍ତିଭୂମି (ଆଇଆରଆଇଏସ) ର ଶୁଭାରମ୍ଭ କରିଥିଲେ।।

**ନୂଆଦିଲ୍ଲୀ**

**ମାର୍ଚ୍ଚ 17, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.